# ଓଡ଼ିଆ ଜାତିର ନବକଳେବର

**ଆମ ଘରର ହାଲଚାଲ**

ସୌମ୍ୟରଂଜନ ପଟ୍ଟନାୟକ

ଗତକାଲି ନବଗଠିତ ବିଦ୍ୟାଳୟ ଶିକ୍ଷକ ମହାସଂଘ ତରଫରୁ ସାରା ଓଡ଼ିଶାର ସବୁସ୍ତର ଓ ସବୁ ବର୍ଗର ଶିକ୍ଷକମାନଙ୍କୁ ନେଇ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ବିଧାନସଭା ସମ୍ମୁଖରେ ହଜାର ହଜାର ଶିକ୍ଷକ ରାସ୍ତା ଉପରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଧାନସଭା ଅଧିବେଶନ ସମୟରେ ଏ ପ୍ରକାର ବିକ୍ଷୋଭ ପ୍ରଦର୍ଶନ ଏକରକମ ଦେହସୁହା ହୋଇଯାଇଥିଲେ ମଧ୍ୟ ଗତକାଲିର ବିକ୍ଷୋଭ ସ୍ୱତନ୍ତ୍ର ଉଲ୍ଲେଖର ଅପେକ୍ଷା ରଖୁଛି। ବହୁ ବର୍ଷ ପରେ ପ୍ରାୟ ୧୪ଟି ବର୍ଗର ଶିକ୍ଷକ ଏକ ମହାଜାତିରେ ଅନ୍ତର୍ଭୁକ୍ତ ହୋଇ ଏକାଠି ହୋଇଛନ୍ତି। ଆମ ବିଚାରରେ ଏହା ଏକ ଐତିହାସିକ ସମାବେଶ। ବହୁ ବର୍ଷ ତଳେ ଶିକ୍ଷକ ମହାସଂଘ ଏକ ଶକ୍ତିଶାଳୀ ସଂଗଠନ ଭାବରେ ଗଢ଼ିଉଠିଥିଲା। ବିଭିନ୍ନ ଦାବି ଓ ସମସ୍ୟାକୁ ନେଇ ସେମାନେ ଆନ୍ଦୋଳନ କରୁଥିଲେ। ସେମାନଙ୍କର ଆନ୍ଦୋଳନରେ ସରକାର ଦୋହଲି ଯାଉଥିଲା। ଅଶୀଦଶକରେ ସେମାନଙ୍କର ପ୍ରାୟ ସମସ୍ତ ଦାବି ପୂରଣ କରିବା ପାଇଁ ସରକାରମାନେ ବାଧ୍ୟ ହୋଇଥିଲେ। ପରବର୍ତ୍ତୀ ସମୟରେ ଶିକ୍ଷାକୁ ଅଗ୍ରାଧିକାର ଦେଇ ସର୍ବଶିକ୍ଷା ଅଭିଯାନ ପରି ବିଭିନ୍ନ ଯୋଜନା ହାତକୁ ନିଆଯିବା ଫଳରେ ଶିକ୍ଷା ବ୍ୟବସ୍ଥାରେ ନିଶ୍ଚିତଭାବରେ ସଂଖ୍ୟାତ୍ମକ ଅଭିବୃଦ୍ଧି ଘଟିଛି। ପୁଣି ଶିକ୍ଷାକୁ ଏକ ଅଧିକାର ଭାବେ ମାନ୍ୟତା ମିଳିବା ପରେ ଶିକ୍ଷା ବ୍ୟବସ୍ଥାର ଗୁରୁତ୍ୱ ବହୁ ଗୁଣରେ ବଢ଼ିଯାଇଛି। ଓଡ଼ିଶାରେ ଏଭଳି କୌଣସି ଗ୍ରାମ ନାହିଁ, ଯେଉଁଠି ସରକାରୀ ଅର୍ଥରେ ଶିକ୍ଷକଟିଏ ରହୁନାହିଁ। ଏଭଳି ବ୍ୟକ୍ତିମାନଙ୍କୁ ଏକାଠି କରିବା କୌଣସି ସରକାର ପାଇଁ ନିରାପଦ ନୁହେଁ। ଭୋଟ୍ ସର୍ବସ୍ୱ ବ୍ୟବସ୍ଥାରେ ଏମାନେ ନିର୍ଣ୍ଣାୟକ ଭୂମିକା ନେଇପାରନ୍ତି। ସେଇଥିପାଇଁ ସମ୍ଭବତଃ ବର୍ତ୍ତମାନର ସରକାରମାନେ ଏମାନଙ୍କୁ ଭାଗଭାଗ କରି ରଖିବାକୁ ଉଚିତ ମଣୁଛନ୍ତି। ଏହି ଦୃଷ୍ଟିରୁ ଗତକାଲିର ସମାବେଶ ଉଲ୍ଲେଖନୀୟ।

ଆଉ କେତେମାସ ପରେ ଶ୍ରୀଜଗନ୍ନାଥଙ୍କ ନବକଳେବର ହେବ। ଓଡ଼ିଆ ଜାତି ପାଇଁ ଶ୍ରୀଜଗନ୍ନାଥ କେତେ ଗୁରୁତ୍ୱପୂର୍ଣ୍ଣ ତାହା ବୁଝାଇ କହିବା ଦରକାର ନାହିଁ। ଶିକ୍ଷକମାନେ କିନ୍ତୁ ଭିନ୍ନ ଏକ ନବକଳେବର ପାଇଁ ପ୍ରସ୍ତୁତ ହୁଅନ୍ତୁ। ଏହା ହେଲା ଓଡ଼ିଆ ଜାତିର ନବକଳେବର। ଷାଠିଏ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ଶିକ୍ଷକଙ୍କ ଉପରେ ନିର୍ଭର କରୁଛି। ଏମାନେ ଓଡ଼ିଆ ଜାତିର ଦାରୁ ସଦୃଶ। ଏମାନେ ଯଦି ମଣିଷ ନହେବେ, ଆଧୁନିକ ବଜାର ସଭ୍ୟତାର ପ୍ରତିଯୋଗିତାରେ ସଫଳ ହେବା ପାଇଁ ସକ୍ଷମ ନହେବେ, ତା'ହେଲେ ଓଡ଼ିଆ ଜାତିର ଅବସ୍ଥା କ'ଣ ହେବ? ଶିକ୍ଷା ମଣିଷ ତିଆରି ପାଇଁ ଏକାନ୍ତ ଆବଶ୍ୟକ। କିନ୍ତୁ ଆମ ଶିକ୍ଷା ବ୍ୟବସ୍ଥା ଏ କାର୍ଯ୍ୟଟି କରୁଛି କି? କିଛିଦିନ ତଳେ ହାଇକୋର୍ଟରେ ଚତୁର୍ଥଶ୍ରେଣୀର ୫୩ଟି ଚପରାସୀ, ଝାଡୁଦାର ଚାକିରି ପାଇଁ ପ୍ରାୟ ୩୨ହଜାରରୁ ଉର୍ଦ୍ଧ୍ୱ ଓଡ଼ିଆ ଯୁବକ-ଯୁବତୀ ଆବେଦନ କରିଥିଲେ। ଏହି ଚାକିରିର ସର୍ବନିମ୍ନ ଯୋଗ୍ୟତା ଅଷ୍ଟମ ପାସ୍ ଥିବା ବେଳେ ଇଂଜିନିୟରିଂ, ଏମ୍.ଏ., ବି.ଏ. ଡିଗ୍ରିଧାରୀ, ଏପରିକି ସ୍କୁଲର ଶିକ୍ଷକମାନେ ମଧ୍ୟ ଏହି ଚାକିରି ପାଇଁ ଆବେଦନ କରିଥିବା ଦେଖାଯାଇଥିଲା। ଏହା ଆମ ଶିକ୍ଷା ବ୍ୟବସ୍ଥା ସଂପର୍କରେ କି ସୂଚନା ଦେଉଛି ? ଶିକ୍ଷାର ମାନ କମିଛି ନା ଆମେ ସ୍ୱାଭିମାନ ହରାଇ ବସିଛୁ ? ଅନ୍ୟ ଏକ ରିପୋର୍ଟ କହୁଛି ଆମ ସରକାରୀ ସ୍କୁଲର ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ପଞ୍ଚମଶ୍ରେଣୀର ପାଠକୁ ମଧ୍ୟ ଆୟତ୍ତ କରିପାରୁ ନାହାନ୍ତି। ସରକାର ଏ ସଂପର୍କରେ ବିଶେଷ ଚିନ୍ତିତ ଥିବା ପରି ମନେ ହେଉ ନାହିଁ। ଏ ବ୍ୟବସ୍ଥା ଓଲଟି ତାଙ୍କୁ ଏକପ୍ରକାର ସୁହାଉଛି। ଆମ ସରକାରୀ ଶିକ୍ଷା ବ୍ୟବସ୍ଥା ଓଡ଼ିଶାକୁ ଦୁଇଟି ଜାତିରେ ବାଣ୍ଟି ଦେଉଛି କହିଲେ ଭୁଲ୍ ହେବ ନାହିଁ। ଗୋଟିଏ ଜାତି ଗରିବ, ଅଳସୁଆ ଓ ଅପାଠୁଆ ବା ଅଧା ପାଠୁଆ; ଏମାନେ ସରକାରୀ ସ୍କୁଲକୁ ଯାଆନ୍ତି। ଆଉ ଗୋଟିଏ ଜାତି ସଂଖ୍ୟା ଦୃଷ୍ଟିରୁ କମ୍ ହେଲେ ବି ବେସରକାରୀ ସ୍କୁଲକୁ ଯାଆନ୍ତି; ଅଧିକ ପଇସା ଦେଇ ଭଲ ସ୍କୁଲରେ ପାଠ ପଢ଼ନ୍ତି। ବିକାଶର ସବୁ ସମ୍ଭାବନାକୁ ହାତେଇବା ପାଇଁ ଚେଷ୍ଟା କରିବା ସହିତ ଓଡ଼ିଶାକୁ ଲୁଟିବା ପାଇଁ ସମସ୍ତ କ୍ଷମତା ଓ କୌଶଳ ଆହରଣ କରିବାରେ ବ୍ୟସ୍ତ ଥାଆନ୍ତି। ପ୍ରଥମ ଜାତି ସରକାରଙ୍କ ପାଇଁ ଏକରକମ ଭୋଟ୍ ବ୍ୟାଙ୍କ୍‌ରେ ପରିଣତ ହେଲେଣି। ସେମାନେ ଉପରକୁ ଉଠନ୍ତୁ ବୋଲି କୌଣସି ସରକାର ଚାହିଁବେ ନାହିଁ। ଏଭଳି ଏକ ପରିସ୍ଥିତିରେ ଓଡ଼ିଶାର ବିକାଶ ହେବ କିପରି? ଶିକ୍ଷା ବ୍ୟବସ୍ଥାରେ ମୌଳିକ ସଂସ୍କାର ନଆଣିଲେ ଓଡ଼ିଶାର ବିକାଶ ବା ପରିବର୍ତ୍ତନ ଆଦୌ ସମ୍ଭବ ନୁହେଁ। ଶିକ୍ଷକମାନେ ଯେଉଁ ଦାବି ନେଇ ଆଜି ବିକ୍ଷୋଭ କରୁଛନ୍ତି, ସେଗୁଡ଼ିକୁ ସରକାର ଗମ୍ଭୀରତାର ସହ ବିଚାର କରିବା କଥା। ସେମାନଙ୍କୁ ଗୋଟିଏ ଜାତି ବୋଲି ଭାବି ବିଭିନ୍ନ ବର୍ଗର ଶିକ୍ଷକମାନଙ୍କୁ ଯୋଗ୍ୟତା ଭିତ୍ତିରେ ସମାନ କାମକୁ ସମାନ ଦରମା ନ୍ୟାୟରେ ମାନ୍ୟତା ମିଳିବା କଥା। ଶିକ୍ଷକମାନେ ଅସନ୍ତୁଷ୍ଟ ରହିଲେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବ ହିଁ ହେବ। ମଧ୍ୟାହ୍ନ ଭୋଜନ ଶିକ୍ଷା ବ୍ୟବସ୍ଥାକୁ ଅବାଟରେ ନେବାପାଇଁ ଅନ୍ୟ ଏକ କାରଣ ସାଜିଛି। ଟଙ୍କିକିଆ ଚାଉଳ, ଖାଦ୍ୟ ନିରାପତ୍ତା ଯୋଜନା ଏବଂ ଅନ୍ୟ ଜନକଲ୍ୟାଣକାରୀ ଯୋଜନା ପରିପ୍ରେକ୍ଷୀରେ ମଧ୍ୟାହ୍ନ ଭୋଜନର ଆଉ ଆବଶ୍ୟକତା ଅଛି କି ନାହିଁ, ସେ ସଂପର୍କରେ ଅନାସକ୍ତ ତର୍ଜମା ହେବା ଦରକାର। ସ୍କୁଲ ଶିକ୍ଷାର ଜାତୀୟକରଣ କରି ଉଚ୍ଚଶିକ୍ଷାକୁ ବରଂ ବେସରକାରୀ କ୍ଷେତ୍ର ପାଇଁ ଛାଡ଼ି ଦେଲେ ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ଅଭିବୃଦ୍ଧି ହୋଇପାରିବ ବୋଲି ଆମର ବିଶ୍ୱାସ। ଧନୀ ଓ ଗରିବ, ଅକ୍ଷମ ଓ କ୍ଷମତାଶାଳୀ ଉଭୟଙ୍କର ପିଲାମାନେ ଗୋଟିଏ ବିଦ୍ୟାଳୟରେ ପଢ଼ିଲେ ଶିକ୍ଷକଙ୍କ ଉପରେ ଗୁଣରକ୍ଷା ପାଇଁ ଚାପ ବଢ଼ିବ। ଆମ ପିଲାମାନେ ବିଦ୍ୟାଳୟସ୍ତରରୁ ଉପଯୁକ୍ତ ଶିକ୍ଷାଲାଭ କଲେ ପରବର୍ତ୍ତୀ ସମୟରେ ଯେ କୌଣସି କ୍ଷେତ୍ରରେ ତାଙ୍କର ଦକ୍ଷତା ବୃଦ୍ଧିରେ କୌଣସି ଅସୁବିଧା ହେବ ନାହିଁ। ଏମ୍.ଏ. ପାସ୍ ପିଲା ହାଇକୋର୍ଟର ଝାଡୁଦାର ହେବା ପାଇଁ ଆଉ ବିକଳ ହେବେ ନାହିଁ। ଓଡ଼ିଆ ଜାତିର ନବକଳେବର କରିବାର ଏହି ଗୌରବମୟ ଆହ୍ୱାନକୁ ଶିକ୍ଷକ ସମାଜ ଗ୍ରହଣ କରିବେ ବୋଲି ଆମର ବିଶ୍ୱାସ। ସେମାନଙ୍କୁ ମଧ୍ୟ ତ୍ୟାଗ କରିବାକୁ ପଡ଼ିବ। ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଏପରି ଅଡୁଆରେ ଛନ୍ଦି ହୋଇ ପଡ଼ିଛି ଯେ କୌଣସି ପଟୁ ସଂସ୍କାର କରିବାକୁ ଚାହିଁଲେ ଅନ୍ୟପଟୁ ପ୍ରତିବାଦ ଓ ଅଭିଯୋଗ ଆସି ଯାଉଛି। ମାମଲାବାଜ୍ ଶିକ୍ଷକଙ୍କର ସଂଖ୍ୟା ମଧ୍ୟ କମ୍ ନୁହେଁ। ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ କଥା ଯାଉଛି, ଅଥଚ ବିବାଦ ତୁଟୁ ନାହିଁ। ଶିକ୍ଷକମାନେ ଯେହେତୁ ଗୋଟିଏ ମହାଜାତିରେ ସାମିଲ ହୋଇଛନ୍ତି, ସବୁ ପଛକଥାକୁ ଭୁଲି ନୂଆ ଓଡ଼ିଆ ଜାତି ଗଠନ କରିବା ପାଇଁ ଆଗେଇ ଆସନ୍ତୁ। ଏହାହିଁ ହେବ ଏ ଜାତିର ପ୍ରକୃତ ନବକଳେବର। ସରକାର ବ୍ୟବସ୍ଥାରେ ସଂସ୍କାର ଆଣି ଏଜାତିର ନବକଳେବର ନିର୍ମାଣରେ ସହାୟକ ହୁଅନ୍ତୁ।